R.D.-୩୫/୨୦୨

# ତହସିଲଦାରଙ୍କ ଅଦାଲତ, ଝୁମ୍ପୁରା

ରାଜସ୍ୱ ବିବିଧ ମାମଲା ସଂଖ୍ୟା -୬୩/୨୦୨୪

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ IDCO, BHUBANESWAR ,"ଶିଳ୍ପ ଏବଂ ସମବର୍ଗୀ ପ୍ରକଳ୍ପ" ସ୍ଥାପନ କାରିବ ନିମନ୍ତେ ଆବେଦନ କରିଅଛନ୍ତି। ଉକ୍ତ ଜମିର ସରକାରୀ ଖାତା ଅବାଦ ଅଯୋଗ୍ୟ ଅନାବାଦ ଖାତା ରେ ଥାଇ କିସମ ପର୍ବତ-୨, ପଥରବଣି ଓ ନାଳ ରହିଅଛି। ଉକ୍ତ ଜମିର କିସମ ପତିତ କରି ,"ଶିଳ୍ପ ଏବଂ ସମବର୍ଗୀ ପ୍ରକଳ୍ପ" ସ୍ଥାପନ କାରିବ ନିମନ୍ତେ ଉକ୍ତ ସଂସ୍ଥା ନାମେ ବନ୍ଦୋବସ୍ତ କରାଯିବା ପାଇଁ ସ୍ଥିର କରାଯାଇଅଛି । ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ,ଗ୍ରାମବସୀ /ଗ୍ରାମ ପଞ୍ଚାୟତଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ ୨୦ (କୋଡିଏ ଟଙ୍କା) ର କୋର୍ଟ ଫି ସହିତ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବ ନାହିଁ ।

## ତଫସିଲ

### ମୌଜା-ଧଉଳିପାଟ

| ଖାତା ନଂ | ପ୍ଲଟ ନଂ. | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ |
|---|---|---|---|---|
| ୭ (ଆବାଦ ଅଯୋଗ୍ୟ ଅନାବାଦି ) | ୪ | ୩୭.୫୦୦ | ୩୭.୫୦୦ | ପର୍ବତ-୨ |
| | ୧୦ | ୨.୮୩୦ | ୨.୮୩୦ | ପର୍ବତ-୨ |
| | ୭୬ | ୦.୧୪୦ | ୦.୧୪୦ | ପଥରବଣି |
| | ୯୬ | ୦.୩୫୦ | ୦.୩୫୦ | ନାଳ |
| ମୋଟ | ୪ ଟି ପ୍ଲଟ | ୪୦.୮୨୦ | ୪୦.୮୨୦ | |

ତହସିଲଦାର, ଝୁମ୍ପୁରା

ଏହାର ଏକକିତ ନକଲ ସଂପୃକ୍ତ ଗ୍ରାମରେ ଢକ ବାଜି ଜନ୍ତ ଦ୍ୱାରା ପ୍ରଚାର/ପ୍ରସାର ପାଇଁ ପ୍ରେରିତ କରାଗଲା। ଅନ୍ୟ ଏକକିତ ନକଲ District Website:www.kendujhar.odisha.gov.in ରେ ପ୍ରକାଶନ ପାଇଁ/ ଅନ୍ୟ ଏକକିତ ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ଏବଂ ଅନ୍ୟ ଏକକିତ ନକଲ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ପ୍ରକାଶନ ପାଇଁ ପ୍ରେରିତ କରାଗଲା।

ତହସିଲଦାର, ଝୁମ୍ପୁରା

Scanned with OKEN Scanner